# Akashvani, Sambalpur

## SAMBALPURI NEWS BULLETIN

### 21 September 2024- 6.47- 6.52 am.

*********************************************

ମୁଖ୍ୟମନ୍ତ୍ରୀ-କେନ୍ଦୁଝର୍ ଆର୍‌ଏନ୍‌ୟୁ /ସମ୍ବଲପୁର

କେନ୍ଦୁଝର୍ ନ ଗୁଟେ ମେଗା ଇସ୍ପାତ୍ କାର୍‌ଖାନା ଥାପ୍‌ନାର୍ ଲାଗି ଥିର୍ କରାଯାଇଛେ ଆଉ ଇଟା ନିଶ୍ଚେ ଥାପ୍‌ନା ହେବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । କେନ୍ଦୁଝର୍‌ଠାନେ ଗଲାକାଏଲ୍ ଗୁଟେ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଜିଲ୍ଲାର ବିକାଶ୍ ପ୍ରକ୍ରିୟାକେ ତ୍ବୁର୍‌ତି କରାଯିବା । ଖଣିଜ ସମ୍ପଦ୍‌ଥି ଭର୍‌ପୁର୍ କେନ୍ଦୁଝର୍ ଓଡ଼ିଶାର୍ ଲାଗି ଗୁଟେ ବରଦାନ୍ ଆଏ । ହେଥିର୍‌ଲାଗି କେନ୍ଦୁଝର୍‌ର ବିକାଶ୍‌କେ ଆଗ୍‌କେ ନିଆଯିବା ଆଉ ସୁନାର୍ କେନ୍ଦୁଝର୍ ଗଠନ୍ ଲାଗି ସବୁ ପଦକ୍ଷେପ୍ ନିଆଯିବା । କେନ୍ଦୁଝର୍‌ର ବିକାଶ୍ ଫୋକସ୍‌ରେ ରହିଛେ ଆର୍ ଇଥିର୍‌ଲାଗି ନିୟମିତ୍ ସମୀକ୍ଷା ହେଉଛେ ବଲି ଭିଲ୍ ମୁଖ୍ୟମନ୍ତ୍ରୀ କହିଛନ୍ ।

ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ଆର୍ଏନ୍ୟୁ/ କଟକ୍

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ୍ ସଂସ୍ଥା-ଏଏସ୍ଆଇ ତର୍ଫରୁ ଆଏଜଠାନୁ ସୋମ୍ବାର୍ତକ୍ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ର ବୈଷୟିକ ସର୍ଭେ କରାଯିବା । ଦୁଇପହରର୍ ୨ ବଜୁ ସଞ୍ଜର୍ ୬ ବଜେତକ୍ ସର୍ଭେ କର୍ବାର୍ ଲାଗି ସମିଆ ଧାରିଜ୍ କରାଯାଇଛେ । ବିଶେଷ୍ ନୀତି ନିର୍ଘଂଟ ଅନ୍ସାରେ ଦିନର୍ ୧ ବଜେନୁ ନିରୀକ୍ଷଣ କାମ୍ ଶେଷ୍ ହେବାର୍ତକ୍ ସନ୍ଧ୍ୟା ୬ ବଜେତକ୍ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା ।

ଶ୍ରୀମନ୍ଦିର୍ ନ ଆଏବା ମଙ୍ଗଲ୍ବାର୍ନୁ ଦଶହରାର ଷୋହଳ ପୂଜା ମୁଲ୍ ହେବା । ମଙ୍ଗଳବାର୍ତକ୍ ରତ୍ନଭଣ୍ଡାର୍ର ବୈଷୟିକ ସର୍ଭେ କାମ୍ ଶେଷ୍ କର୍ବାର୍କେ ଏଏସ୍ଆଇ ମହାନିର୍ଦ୍ଦେଶକଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀ ଚିଠି ଲେଖିକରି ଅନୁରୋଧ୍ କରିଥିଲେ । ରାଜ୍ୟ ସର୍କାର୍ ଅନୁମୋଦନ୍ କରିଥିବା ମାର୍ଗଦର୍ଶିକା ଏସ୍ଓପି ଅନ୍ସାରେ ଇ ସର୍ଭେ କରାଯିବା । ସେଥିର୍ଲାଗି ୩ ଦିନ୍ ଶ୍ରୀଜୀଉଙ୍କର୍ ନୀତିକାନ୍ତି ଆଉ ସେବା ପୂଜାଥି ବାଧା ନାଇଁ କରିକରି ନିରୀକ୍ଷଣ୍ ପ୍ରକ୍ରିୟା କର୍ବାର୍ ଲାଗି ଦର୍କାରୀ ସମୟ ଦେବାର୍ ଲାଗି ବିଶେଷ୍ ନୀତି ନିର୍ଘଂଟ ତିଆର୍ କରାଯାଇଛେ ।

ଯକ୍ଷ୍ମା ପ୍ରତିଷେଧକ୍ ଟୀକା        ଆର୍‌ଏନ୍‌ୟୁ / ସମ୍ବଲପୁର

୨୦୨୫ ମସିହାତକ୍ ଦେଶ୍‌କେ ଯକ୍ଷ୍ମାମୁକ୍ତ କର୍‌ବାର୍ ଲାଗି ଭାରତ୍ ସର୍‌କାର୍ ଲକ୍ଷ୍ୟ ଧାରିଜ୍ କରିଛନ୍ । ଇଥିର୍‌ଲାଗି ପ୍ରାପ୍ତବୟସ୍କ ଲୋକ୍‌ମାନ୍‌କର୍ ଲାଗି ଓଡ଼ିଶାର୍ ୧୫ ଟା ଜିଲ୍ଲା ନ ଯକ୍ଷ୍ମା ପ୍ରତିଷେଧକ୍ ଟୀକାକରଣ୍ କାମ୍ ଆଏଜ୍‌ଠାନୁ ମୁଲ୍ ହେବା । ପଶ୍ଚିମ ଓଡ଼ିଶାର୍ ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା, ବଲାଙ୍ଗିର୍, ବୌଦ୍ଧ ସହେତେ ୧୫ ଟା ଜିଲ୍ଲାର୍ ୬ ଟା ବର୍ଗର୍ ଲୁକ୍‌କୁ ଇ ଟୀକା ଦିଆଯିବା । ୬୦ ବଛର୍‌ନୁ ଅଏତ୍‌କା ବୟସର୍ ଲୋକ୍ ଆଉ ୧୮ ବଛର୍‌ନୁ ୨୦ ବଛର୍ ବୟସ୍ ଭିତ୍‌ରେ ଥିବାର୍ ଧୂମପାନକାରୀ, ଯକ୍ଷ୍ମାଥି ଚିକିତ୍ସିତ୍ ହେଉଥିବା ରୋଗୀ ଆଉ ତାଙ୍କର୍ ପରିବାର୍ ଲୁକ୍‌କୁ ଯକ୍ଷ୍ମା ପ୍ରତିଷେଧକ୍ ଟୀକା ଦିଆଯିବା ବଲି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍ ତର୍‌ଫୁ କୁହାଯାଇଛେ ।

ସ୍କ୍ରବ୍ ଟାଇଫସ୍        ଆର୍‌ଏନ୍‌ୟୁ / ସମ୍ବଲପୁର

ସ୍କ୍ରବ୍ ଟାଇଫସ୍ ଲକ୍ଷଣ୍ ଦେଖାଦେଲେ ସାଙ୍ଗେସାଙ୍ଗ୍ ସ୍ୱାସ୍ଥ୍ୟ ଅଧିକାରୀଙ୍କର୍ ପରାମର୍ଶ ନେବାର୍‌କେ ରାଜ୍ୟ ସ୍ୱାସ୍ଥ୍ୟସେବା

ନିର୍ଦ୍ଦେଶାଳୟ ତର୍ଫୁ ପରାମର୍ଶ ଦିଆଯାଇଛେ । ସଂକ୍ରମଣ୍ ଆଉ ଅଣ ସଂକ୍ରମଣ୍ ରୋଗର୍ ଥିତି ବାବ୍ଦେ ଗଲାକାଏଲ୍ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର୍ ଗୁଟେ ବୈଠକ୍ଥି ରୋଗର୍ ନିରାକରଣ୍ ବାବ୍ଦେ ଆଲୋଚନା କରାଯାଇଥିଲା । ପୋକ୍ ଚାବ୍ବାର୍ନୁ ସ୍କ୍ରବ୍ ଟାଇଫସ୍ ସଂକ୍ରମିତ ହେସି । ଜର୍, ମୁଡ଼ ବଥାବାର୍, ଦିହେ ଘା ଆର୍ ଲାଲ୍ ଲାଲ୍ ହେଇକରି ଫୁଲ୍ବାର୍ ଲକ୍ଷଣ ଦେଖାଦେଲେ ଜିଲ୍ଲା ଜନସ୍ୱାସ୍ଥ୍ୟ ପରୀକ୍ଷାଗାରଥି ଏଲିସା ପଦ୍ଧତି ନ ରକ୍ତପରୀକ୍ଷା ଆଉ ରୋଗ ନିରୂପଣ କରାଯାଇପାର୍ବା ବଲି ନିର୍ଦ୍ଦେଶାଳୟ ତର୍ଫୁ କୁହାଯାଇଛେ ।

ମିଶନ୍ ଶକ୍ତି ଉପମୁଖ୍ୟମନ୍ତ୍ରୀ ଆର୍ଏନ୍ୟୁ / ସମ୍ବଲପୁର

ଭୁବନେଶ୍ୱର୍ର ମିଶନ୍ ଶକ୍ତି ଭବନ୍ ଠାନେ କଲ୍ ସେଂଟର୍ ଆଉ ଅଡିଟୋରିମ୍କେ ଗଲାକାଏଲ୍ ଉପମୁଖ୍ୟମନ୍ତ୍ରୀ ଆଉ ବିଭାଗୀୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍ଘାଟନ୍ କରିଛନ୍ । ୭ କୋଟି ୫୯ ଲାଖ୍ ଟଙ୍କା ଖର୍ଚ୍ଚାଥି ତିଆର୍ କରାଯାଇଥିବା ଇ ଅଡିଟୋରିୟମ୍ ନ ୪ ଶହ ଟା ଆସନ୍ ରହିଛେ । ସ୍ୱୟଂସହାୟକ ଗୋଷ୍ଠୀମାନ୍କର୍ ପ୍ରଶିକ୍ଷଣ୍, ଦକ୍ଷତା ବିକାଶ୍ ସହେତେ ସେମାନେ ତିଆର୍ କରୁଥିବା ଦରବ୍ର ଲୋକାର୍ପଣ୍ ବାଗିର୍ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ଇ

ଅଡିଟୋରିୟମ୍ ନ କରାଯାଇପାର୍‌ବା । ହେନ୍ତା ଉଦ୍‌ଘାଟିତ୍ କଲ୍‌ସେଂଟର୍‌ଥି ସ୍ୱୟଂସହାୟକ ଗୋଷ୍ଠୀମାନ୍‌କର୍ ଲାଗି ଥିବାର୍ ଭିନ୍ ଭିନ୍ ଯୋଜ୍‌ନା ଆଉ କାର୍ଯ୍ୟକ୍ରମ୍ ନୂଆଁ ପଦ୍‌କ୍ଷେପ୍ ବାବ୍‌ଦେ ସୂଚ୍‌ନା ଯୁଗେଇ ଦିଆଯିବା ।

ବିଶ୍ୱ ଶାନ୍ତି ଦିବସ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ଆନ୍ତର୍ଜାତୀୟ ଶାନ୍ତି ଦିବସ୍ । ଆନ୍ତର୍ଜାତୀୟ ସ୍ତର୍‌ଥି ଦେଶ୍-ଦେଶ୍ ଆର୍ ଲୋକ୍‌ମାନ୍‌କର୍ ଭିତ୍‌ରେ ଶାନ୍ତି ଆର୍ ଭାଇଚାରା ରଖିବାର୍ ଲାଗି ମିଲିତ୍ ଜାତିସଂଘ ତର୍‌ଫୁ ୧୯୮୨ ମସିହାନୁ ଆଝିର୍ ଦିନ୍‌କେ ବିଶ୍ୱ ଶାନ୍ତି ଦିବସ୍ ପାଲନ୍ କରାଯାଉଛେ । ଧୋବ୍ ପାରା ଉଡ଼େଇକରି ବିଶ୍ୱଶାନ୍ତିର ବାର୍ତା ପ୍ରଚାର୍ କରାଯାଉଛେ । ଅହିଂସା ଆଉ ଯୁଦ୍ଧନୁ ବିରତ ହେଇକରି ଫିʼ ଦେଶର୍ ଲୁକ୍‌କର୍ ଭିତ୍‌ରେ ଶାନ୍ତିର୍ ବିଚାର୍‌ଧାରାକେ ତହଁକାବାର୍ ଲାଗି ଜାତିସଂଘ ତର୍‌ଫୁ ଇ ଦିବସ୍‌କେ ବଛାଯାଇଥିଲା ।

ଶିକ୍ଷକ୍ ନିଯୁକ୍ତି ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଖୋବ୍ ଜଲ୍‌ଦି ୧୬ ହଜାର୍‌ନୁ ଅଏତ୍‌କା କନିଷ୍ଠ ଶିକ୍ଷକ୍-ସ୍କିମାଟିକ୍‌ଙ୍କୁ ନିଯୁକ୍ତି ଦିଆଯିବା । ଗଲାବଛର୍ କନିଷ୍ଠ ଶିକ୍ଷକ ନିଯୁକ୍ତି ଲାଗି ଓଡ଼ିଶା ରାଜ୍ୟ ବିଦ୍ୟାଳୟ କାର୍ଯ୍ୟକ୍ରମ୍ ପ୍ରାଧିକରଣ୍ ଓସେପା ତର୍‌ଫୁ ପରୀକ୍ଷା କରାଯାଇଥିଲା । ନିଯୁକ୍ତିର୍ ଲାଗି ଗଲାମାସ କାଉନ୍‌ସେଲିଂ କାମ୍ ସରିଛେ । ବହୁତ୍‌ଟେ ଜିଲ୍ଲା ନ ଜିଲ୍ଲା ପରିଷଦ୍ ବୈଠକ୍‌ଥି ଚୂଡ଼ାନ୍ତ ଶିକ୍ଷକ୍ ନିଯୁକ୍ତି ତାଲିକାକେ ମଞ୍ଜୁର୍ କରାଯାଇଛେ । ଆଏବା ମାସ ଇ ଶିକ୍ଷକ୍‌ମାନ୍‌କୁ ନିଯୁକ୍ତି ପତ୍ର ଦିଆଯିବା ବଲି ଜନାପଡ଼ିଛେ ।

ବିଦ୍ୟୁତ୍ ଯୋଗାଣ ବନ୍ଦ          ସମ୍ବଲପୁର ସମ୍ବାଦଦାତା

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ୍ ନିଗମ୍ ଲିମିଟେଡ୍ - ଓପିଟିସିଏଲ୍ ତର୍‌ଫୁ ଚିପିଲିମା ଗ୍ରୀଡ୍ ସବ୍ ଷ୍ଟେସନ୍ ନ ମରାମତି କାମ୍  କରାଯିବା । ଇଥିର୍‌ଲାଗି ସମ୍ବଲ୍‌ପୁର୍ ଜିଲ୍ଲାର୍ ହୁମା, ଧମା, ଚିପିଲିମା, ବସନ୍ତପୁର୍, ସାହାସ୍‌ପୁର୍, ହାତୀବାରି, ଯୁଯୁମୁରା, ଗୁଣ୍ଡେର୍‌ପୁର୍, ଗୋଶାଲା, ଗୋଡ଼ଭଗା ଆଉ ଝରେଇପାଲି ଆଉ ଇତାର୍ ଆଖର୍‌ପାଖର୍ ଇଲାକା ନ ଆଏଜ୍ ସଖାଲର୍ ୮ ବଜେନୁ ଉପର୍‌ବେଲା ୨ ବଜେତକ୍ ବିଦ୍ୟୁତ୍ ଯୋଗାଣ ବନ୍ଦ୍ ରହେବା ।

ଆର୍ଥିକ୍ ସଚେତନତା କାର୍ଯ୍ୟକ୍ରମ            ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍ପୁର୍ ବିଶ୍ୱବିଦ୍ୟାଳୟର୍ କେରିଅର୍, କାଉନ୍ସେଲିଂ ଆଉ ପ୍ଲେସ୍ମେଂଟ୍ ସେଲ୍ ତର୍ଫୁ ଗୁଟେ ଆର୍ଥିକ୍ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ନେସ୍ନାଲ୍ ଷ୍ଟକ୍ ଏକ୍ସଚେଞ୍ଜ୍ ଅଫ୍ ଇଣ୍ଡିଆର ସହଯୋଗ୍ଥି ଇ କାର୍ଯ୍ୟକ୍ରମ୍ ହେଇଥିଲା । ଆର୍ଥିକ ବଜାର୍ ବାବ୍ଦେ ସଚେତନ୍ କରାବାର୍ ଷ୍ଟକ୍ ବଜାର୍ଥି ଟଙ୍କା କେନ୍ତା ଖଟାୟିବା, ବ୍ୟକ୍ତିଗତ ଅର୍ଥ ପରିଚାଳନା ବାବ୍ଦେ ଛାତ୍ରଛାତ୍ରୀମାନ୍କୁ ସଚେତନ୍ କରାୟାଇଥିଲା ।

ପାଣିପାଗ / ମୌସୁମୀ     ଆର୍ଏନ୍ୟୁ/ କଟକ୍

ବଙ୍ଗୋପ୍ସାଗର୍ ଆଉ ମିଆଁମାର୍ ଉପକୂଳ ନ ଆଏବାକାଏଲ୍ ଗୁଟେ ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେବାର୍ ସମ୍ଭାବନା ରହିଛେ । ଇତାର୍ବଲେ ଆଏବା ସୋମ୍ବାର୍ନୁ ରାଏଜେ ବର୍ଷା ହେଇପାରେ ବଲି ପାଣିପାଗ୍ ବିଭାଗ୍ ତର୍ଫୁ କୁହାୟାଇଛେ ।
ସେଆଡ଼େ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଦେଶୁ ଫିର୍ବା ବଲି ପାଣିପାଗ୍ ବିଭାଗ୍ ତର୍ଫୁ କୁହାୟାଇଛେ । ଦେଶେ ଉତର୍ ପଶ୍ଚିମ

ଭାଗ୍‌ନୁ ପହେଲା ଆଏବା ୨ ନୁ ୩ ଦିନ୍ ଭିତ୍‌ରେ ମୌସୁମୀ ଫିର୍‌ବାର୍ ପ୍ରକ୍ରିୟା ମୁଲ୍ ହେବା ବଲି କୁହାଯାଇଛେ ।